# କୃଷି ଯନ୍ତ୍ରପାତି
# FARM IMPLEMENTS


ବିଷୟବସ୍ତୁ:

**ଡ. ତାରକ ଚନ୍ଦ୍ର ପଣ୍ଡା**

ବୈଜ୍ଞାନିକ (କୃଷି ଯାନ୍ତ୍ରିକ)

ବୈଷୟିକ ସହାୟତା:

**ଡ. ଦୀପଶିଖା ପରମଜିତା**

ବୈଜ୍ଞାନିକ (କୃଷି ଯାନ୍ତ୍ରିକରଣ)

କୃଷି ବିଜ୍ଞାନ କେନ୍ଦ୍ର, ପୁରୀ

ସଂପାଦନା:

**ଡ. ସମୀର ରଞ୍ଜନ ଦାଶ**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



**କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**

# କୃଷି ଯନ୍ତ୍ରପାତି


**ବିଷୟବସ୍ତୁ:**

**ଡ. ତାରକ ଚନ୍ଦ୍ର ପଣ୍ଡା**
ବୈଜ୍ଞାନିକ (କୃଷି ଯାନ୍ତ୍ରିକ)

**ବୈଷୟିକ ସହାୟତା:**

**ଡ. ଦୀପଶିଖା ପରମଜିତା**
ବୈଜ୍ଞାନିକ (କୃଷି ଯାନ୍ତ୍ରିକରଣ)
କୃଷି ବିଜ୍ଞାନ କେନ୍ଦ୍ର, ପୁରୀ

**ସଂପାଦନା:**

**ଡ. ସମୀର ରଞ୍ଜନ ଦାଶ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା



***ପ୍ରକାଶକ :***

କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା

***ପ୍ରଥମ ପ୍ରକାଶ :***

ଅକ୍ଟୋବର, ୨୦୨୪

***ମୁଦ୍ରଣ :***

**ଅଙ୍କିତା ଗ୍ରାଫିକ୍ସ,** ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭


**KRUSHI JANTRAPATI**


**By**

**Dr. Tarak Chandra Panda**
Scientist (Ag. Engg.)
KVK, Jharsuguda

**Editor** :
**Dr. Samir Ranjan Dash**
Sr. Scientist and Head
KVK, Jharsuguda



**Published by** :
Krishi Vigyan Kendra,
Jharsuguda

**First Edition**
October, 2024

**Printed by :**
Ankita Graphics, Bhubaneswar.
saroj77337@gmail.com
Ph : 9437077337

# କୃଷି ଯନ୍ତ୍ରପାତି FARM IMPLEMENTS

କୃଷି କାର୍ଯ୍ୟରେ ଶ୍ରମଶକ୍ତିର ଅଭାବ ଓ ଚାଷ କାର୍ଯ୍ୟରେ ଖର୍ଚ୍ଚର ପରିମାଣ ବୃଦ୍ଧି ହେତୁ ଚାଷୀ ଭାଇମାନେ ଚାଷରୁ ବିଶେଷ ଲାଭ ପାଇପାରୁ ନାହାନ୍ତି ଓ ସେଥିପାଇଁ ଚାଷପ୍ରତି ବିମୁଖ ହେଉଛନ୍ତି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଓ ଏହାର ମୋଟ ଲୋକ ସଂଖ୍ୟାର ପ୍ରାୟ ୭୦ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ରାଜ୍ୟ ଅର୍ଥନୀତିରେ କୃଷିର ଏକ ପ୍ରମୁଖ ଭୂମିକା ରହିଛି। ସେଥିପାଇଁ କୃଷିକୁ ଶିଳ୍ପର ମାନ୍ୟତା ଦିଆଯାଇଛି ଓ କୃଷିର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପମାନ ନିଆଯାଉଛି। କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର ଓ ପ୍ରସାର ସେଥି ମଧ୍ୟରୁ ଅନ୍ୟତମ। ଶ୍ରମ ଶକ୍ତିର ଅଭାବକୁ ଦୂର କରିବା ପାଇଁ ଓ ଚାଷ କାର୍ଯ୍ୟରେ ଚାଷ ଖର୍ଚ୍ଚକୁ କମ୍ କରିବା ପାଇଁ କୃଷିରେ ଯନ୍ତ୍ରପାତିର ବ୍ୟବହାର ଅପରିହାର୍ଯ୍ୟ। ଚାଷର ବିଭିନ୍ନ କାର୍ଯ୍ୟ ଯଥା: କ୍ଷେତ୍ର ପ୍ରସ୍ତୁତି, ମଞ୍ଜିବୁଣା ଓ ତଳି ରୁଆ, ଅନ୍ତଃଚାଷ, ଔଷଧ ସିଞ୍ଚନ, ଫସଲ କଟା ଓ ଫସଲ ଅମଳ ଆଦି କାମ ପାଇଁ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଚାଷୀଭାଇମାନେ କମ୍ ଖର୍ଚ୍ଚ, କମ୍ ସମୟ ଓ କମ୍ ପରିଶ୍ରମରେ ଅଧିକ ଲାଭ ପାଇପାରିବେ। ସେଥିମଧ୍ୟରୁ କିଛି ଯନ୍ତ୍ରପାତିଗୁଡ଼ିକର କାର୍ଯ୍ୟ ଓ କାର୍ଯ୍ୟଦକ୍ଷତା ବିଷୟରେ ଏଥିରେ ସମ୍ୟକ୍ ଧାରଣା ଦିଆଯାଇଛି ଯାହାକି ନିଶ୍ଚିତ ଭାବରେ ଚାଷୀଭାଇ ଓ ଭଉଣୀମାନଙ୍କର ଉପକାରରେ ଆସିବ ବୋଲି ଆମ୍ଭର ଆଶା।

Due to scarcity of labour in agriculture and increasing agricultural expenditure, farmers are not earning enough profit and are losing interest in farming. Odisha is an agriculture dependent state, with about 70% of its population engaged in farming. Agriculture, therefore, plays a significant role in the state's economy. To address this, agriculture has been given the status of an industry in the state and several efforts have been made to promote its development. One such effort is the popularization and extensive use of farm implements. The use of agricultural implements is essential to reduce the cost of cultivation and dependence on labour. These implements can be used in various agricultural operations such as land preparation, seed sowing, transplanting, intercultural activities, insecticide spraying and harvesting. By adopting such agricultural implements, farmers can achieve higher profits and income in a shorter time with lower expenses. Below, some agricultural implements, their operations and capacities are briefly described which will greatly benefit the farmers of the state.

# ଜମି ପ୍ରସ୍ତୁତି ଯନ୍ତ୍ରପାତି
# LAND PREPARATION MACHINERY

## ଟ୍ରାକ୍ଟର ଚାଳିତ ମୋଡପତ୍ର ଲଙ୍ଗଳ

ଲମ୍ବ: ୧୭୮-୨୩୯(ସେ.ମି), ଓସାର (ସେ.ମି) : ୮୯-୧୧୯, ଉଚ୍ଚତା (ସେମି): ୧୦୯ ଓଜନ (କେ.ଜି): ୨୫୩-୩୮୬, କାର୍ଯ୍ୟଦକ୍ଷତା: ଦୁଇ ଘଣ୍ଟାରେ ୧.୨ ଏକର

## TRACTOR DRAWN MOULD BOARD PLOUGH



Length (cm) : 178-239

Width (cm) : 89-119

Height (cm) : 109

Weight (kg): 253-386

Capacity: 0.24 ha/h (4.15hrs/ha)

## ଟ୍ରାକ୍ଟର ଚାଳିତ ଡିସ୍କ ଲଙ୍ଗଳ

ସିଆର ସଂଖ୍ୟା: ୨-୪, ଡିସ୍କ ଆକାର (ସେ.ମି):୬୦-୮୦, ଲମ୍ବ (ସେ.ମି):୧୧୮-୨୩୬, ଓସାର (ସେ.ମି) : ୮୯-୧୧୯, ଉଚ୍ଚତା (ସେ.ମି) ୧୦୯-୧୧୨, ଡିସ୍କଦ୍ୱାରା ମୃତ୍ତିକା କାଟିବା ଓସାର (ସେ.ମି): ୨୦-୩୦, ଆବଶ୍ୟକ ଶକ୍ତି : ୩୫ ଅଶ୍ୱଶକ୍ତି ଟ୍ରାକ୍ଟର ବା ତଦୁର୍ଦ୍ଧ, ଓଜନ (କେ.ଜି) : (୨୩୬-୩୭୬), କାର୍ଯ୍ୟଦକ୍ଷତା : ଦୁଇ ଘଣ୍ଟାରେ ୧.୦ଏକର

## TRACTOR DRAWN DISC PLOUGH



Tractor drawn disc plough
No. of furrows: 2-4, Disc size (cm): 60-80, Length (cm): 118-236, Width (cm): 89-119 Height (cm) : 109-112, Width of cut per disc(cm): 20-30, Power requirement: 35 hp or above tractor.
Weight (kg): 236-376. Capacity : 0.213 ha/h (4.74 hrs/ha)

## ଟ୍ରାକ୍ଟର ଚାଳିତ ୯/୧୧ ଦାନ୍ତିଆ ଲଙ୍ଗଳ



କାଟଣି ଓସାର (ସେ.ମି) : ୧୫୦-୨୪୦
କାଟଣି ଗଭୀରତା (ସେ.ମି) : ୧୭-୨୨
**କାର୍ଯ୍ୟ ଦକ୍ଷତା :** ୧ ଘଣ୍ଟାରେ ୧ ଏକର

**TRACTOR DRAWN CULTIVATOR**

Number of tynes : 9-11
Cutting width (cm) : 150-240
Cutting depth (cm) : 17.5-22.5
**Capacity :** 0.4 ha/h (2.5 hrs/ha)

## ଟ୍ରାକ୍ଟର ଚାଳିତ ରୋଟାଭେଟର

**କାର୍ଯ୍ୟ:** ମାଟି ଗୁଣ୍ଡ କରି ସମତଳ କରିଥାଏ। ଅନାବନା ଘାସ ଓ ପୂର୍ବ ଫସଲର ମୂଳକୁ ମାଟିରେ ମିଶାଇଥାଏ।
**କାର୍ଯ୍ୟଦକ୍ଷତା:** ୧ ଘଣ୍ଟାରେ ୧ ଏକର

**TRACTOR DRAWN ROTAVATOR**

**Use:** It is suitable for preparing seed bed in a single pass both in dry and wetland conditions. It is also suitable for incorporating straw and green manure in the field.

**Capacity:** 0.4ha/h (2.5hrs/ha)



## ପାୱାର ଟିଲର୍ ଚାଳିତ ରୋଟାଭେଟର୍

**କାର୍ଯ୍ୟ:** ମାଟି ଗୁଣ୍ଡ କରି ସମତଳ କରିଥାଏ। ଅନାବନା ଘାସ ଓ ପୂର୍ବ ଫସଲର ମୂଳିକୁ ମାଟିରେ ମିଶାଇଥାଏ। ଏଥିରେ ଗୁଣ୍ଡ ଚାଷ ହେବା ଦ୍ୱାରା ମଞ୍ଜି ବୁଣା ଯନ୍ତ୍ର ବ୍ୟବହାର କରିବାରେ ସୁବିଧା ହୋଇଥାଏ।

**କାର୍ଯ୍ୟଦକ୍ଷତା :** ୪ ଘଣ୍ଟାରେ ୧ ଏକର।

### POWERTILLER DRAWN ROTAVATOR

**uses:** It is suitable for preparing seed bed in a single pass both in dry and wetland conditions. It is also suitable for incorporating straw and green manure in the field.

**Capacity :** 0.1ha/h (10 hrs/ha)



## ଲେଜରଚାଳିତ ଜମି ସମତଳିକରଣ ଯନ୍ତ୍ର :

**କାର୍ଯ୍ୟ :** ୪୫ କିମ୍ବା ତଦୁର୍ଦ୍ଧ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଦ୍ୱାରା ପରିଚାଳିତ ହୁଏ। ଚାଳକର ବିନା ସହାୟତାରେ ଲେଜର ବିକିରଣକୁ ଗ୍ରହଣ କରି ସମତଳିକରଣ ଯନ୍ତ୍ରଟି ମାଟିର ଅସମାନତାକୁ ଠିକ୍ କରିଥାଏ। ଛୋଟ ଆକାରର ଜମିଗୁଡ଼ିକୁ ମିଶାଯାଇ ବଡ ଆକାରର ଜମି ତିଆରି କରିହୁଏ।

**କାର୍ଯ୍ୟଦକ୍ଷତା:** ତିନି ଘଣ୍ଟାରେ ଏକ ଏକର

### LASER LEVELLER

**Use :** It is operated by 45-60 hp tractor. It helps in land levelling using laser light. It improves crop establishment and yield.

**Capacity:** 0.14 ha/h (7.0 hrs/ha)



# ବିବିଧ ମଞ୍ଜି ବୁଣିବା ଓ ଧାନତଳି ରୋଇବା ଯନ୍ତ୍ରପାତି
## SOWING AND PLANTING EQUIPPMENT

## ଟ୍ରାକ୍ଟରଚାଳିତ ବିବିଧ ମଞ୍ଜିବୁଣା ଯନ୍ତ୍ର

**କାର୍ଯ୍ୟ :** ଧାଡିରେ ମଞ୍ଜି ବୁଣି ହୁଏ। ଧାଡିକୁ ଧାଡି ଓ ମଞ୍ଜିକୁ ମଞ୍ଜିର ବ୍ୟବଧାନକୁ କମ୍ ବେଶି କରାଯାଇପାରେ। ଧାନ, ମୁଗ, ବିରି, ବାଦାମ, ମକା ଓ ସୋରିଷ ବୁଣାଯାଇ ପାରିବ।
**କାର୍ଯ୍ୟଦକ୍ଷତା :** ଘଣ୍ଟା ପ୍ରତି ଏକ ଏକର

### TRACTOR DRAWN MULTICROP SEED CUM FERTILIZER DRILL

**Use :** It helps in line sowing of crops. Uniform placement of seeds ensures higher yield. Adjustment between row to row and seed to seed spacing is possible.
**Capacity:** 0.4 ha/h (2.5 hrs/ha



## ଟ୍ରାକ୍ଟରଚାଳିତ ମଞ୍ଜି ଓ ସାରବୁଣା ଯନ୍ତ୍ର

**କାର୍ଯ୍ୟ:** ଧାଡିରେ ମଞ୍ଜି ଓ ସାର ବୁଣି ହେବା ସହିତ ଧାଡିକୁ ଧାଡି ବ୍ୟବଧାନକୁ କମ୍ ବେଶୀ କରିହୁଏ। ମଞ୍ଜିର ପରିମାଣ କମ୍ ଦରକାର ହୁଏ। ଅମଳ ଅପେକ୍ଷାକୃତ ବୃଦ୍ଧି ହୋଇଥାଏ।
**କାର୍ଯ୍ୟଦକ୍ଷତା:** ଘଣ୍ଟା ପ୍ରତି ୧ ଏକର।

### TRACTOR DRAWN SEED CUM FERTILIZER DRILL

**Use:** Suitable for line sowing of different seeds under upland condition in well pulverized field. Uniform placement of seeds and fertilizer ensures higher yield.
**Capacity:** 0.4 ha/h (2.5 hrs/ ha)



## ପାୱାର ଟିଲର୍ ଚାଳିତ ବିବିଧ ମଞ୍ଜିବୁଣା ଯନ୍ତ୍ର

**କାର୍ଯ୍ୟ:** ଧାନଚାଷ ପରେ ମୁଗ, ବିରି ଓ ବାଦାମ ବୁଣିବା ପାଇଁ ଉପଯୁକ୍ତ। ପାଞ୍ଚ ଧାଡିରେ ଏକ ସମୟରେ ମଞ୍ଜି ବୁଣି ହୋଇଥାଏ।

**କାର୍ଯ୍ୟଦକ୍ଷତା:** ତିନି ଘଣ୍ଟାରେ ଏକ ଏକର।

### POWER TILLER DRAWN SEED CUM- FERTILIZER DRILL



**Use :** Suitable for line sowing in 5 rows of different seeds in well pulverized field. Uniform placement of seeds and fertiliser ensures higher yield.

**Capacity :** 0.139 ha/h (7.2 hrs/ha).

## ସ୍ୱୟଂ ଚାଳିତ ଆଠ ଧାଡିଆ ଧାନ ତଳିରୁଆ ଯନ୍ତ୍ର

**କାର୍ଯ୍ୟ :** ଏକା ସାଙ୍ଗରେ ୮ଟି ଧାଡିରେ ଧାନ ତଳି ରୁଆ ହୁଏ। ଧାଡିକୁ ଧାଡି ୨୪ ସେମି ଓ ବୁଦାକୁ ବୁଦା ବ୍ୟବଧାନ ୧୨/୧୪ ସେ.ମି ହୁଏ। ଅମଳ ବୃଦ୍ଧି ହେବା ସହିତ କୃଷି ଶ୍ରମିକ ତଥା ଚାଷ ଖର୍ଚ୍ଚ କମ୍ ହୁଏ।

**କାର୍ଯ୍ୟ ଦକ୍ଷତା :** ୩ ଘଣ୍ଟାରେ ଏକ ଏକର

### SELF PROPELLED RIDING TYPE 8-ROW RICE TRANSPLANTER



**Use:** It is used for transplanting of MAT type rice seedlings in 8-rows in the puddled field. Row to Row spacing - 24cm. and Hill to hill spacing- 12/14 cm. Transplanting is done at less cost and time.

**Capacity :** 0.143 ha/h (7hrs/ ha

## ସ୍ୱୟଂଚାଳିତ ଚାରି ଧାଡିଆ ତଳିରୁଆ ଯନ୍ତ୍ର

**କାର୍ଯ୍ୟ :** ଏକା ସଙ୍ଗରେ ୪ ଧାଡିରେ ତଳିରୁଆ ହୁଏ। ଧାଡିକୁ ଧାଡି ୩୦ ସେମି. ଓ ବୁଦାକୁ ବୁଦା ବ୍ୟବଧାନ ୧୨/୧୪ ସେମି ହୁଏ।

**କାର୍ଯ୍ୟ ଦକ୍ଷତା :** ୨ ଘଣ୍ଟାରେ ଏକ ଏକର

## SELF PROPELLED 4-ROW WALK BEHIND TYPE RICE TRANSPLANTER



**Use :** It transplants seedings from mat type hursery in 4 rows in a single pass in the puddled field. Row to Row spacing 30cm. Hill to Hill spacing- 12/14 cm

**Capacity :** 0.2 ha/h (5hrs/ha)

## ହସ୍ତଚାଳିତ ୩ ଧାଡିଆ ଧାନ ତଳିରୁଆ ଯନ୍ତ୍ର



**କାର୍ଯ୍ୟ:** ଏହା ଏକ ହସ୍ତଚାଳିତ ଯନ୍ତ୍ରପାତି ଅଟେ। ଏହି ଯନ୍ତ୍ରରେ କାଦୁଅ ଜମିରେ ୩ ଧାଡିରେ ତଳି ରୋପଣ କରାଯାଏ।

**କାର୍ଯ୍ୟଦକ୍ଷତା :** ଘଣ୍ଟା ପ୍ରତି ୧୬୦ ବର୍ଗ ମି.

## MANUAL 3- ROW RICE TRANSPLANTER



**Use :** Transplanting of seedlings from mat type nursery in 3-rows
It is a hand operated implement.

**Capacity :** 160 sqm/h

## ହସ୍ତଚାଳିତ ଆଠ ଧାଡିଆ ଗଜା ଧାନ ବୁଣା ଯନ୍ତ୍ର

**ଧାଡିକୁ ଧାଡି ଦୂରତା :** ୨୦ ସେମି।

**କାର୍ଯ୍ୟ :** କାଦୁଅ ଜମିରେ ୮ ଧାଡିରେ ଗଜା ଧାନ ବୁଣିବାରେ ସାହାଯ୍ୟ କରେ।

**କାର୍ଯ୍ୟଦକ୍ଷତା :** ୨ ଘଣ୍ଟାରେ ୧ ଏକର।

### MANUAL 8-ROW PREGERMINATED PADDY DRUM SEEDER



**Use:** seeding of pre germinated paddy seeds in 8-rows in puddled field

**Capacity :** 0.2 ha/h (5 hrs/ha)

## ୬-ଧାଡ଼ିଆ ଆରୋହଣ ଧାନ ରୁଆ ମେସିନ

ଏକା ସଙ୍ଗରେ ୬ଟି ଧାଡିରେ ତଳିରୁଆ ହୁଏ। ଧାଡିକୁ ଧାଡି ଦୂରତା : ୩୦ ସେମି, ବୁଦାକୁ ବୁଦା ବ୍ୟବଧାନ : (୧୨-୨୧) ସେମି।

**କାର୍ଯ୍ୟଦକ୍ଷତା :** ଏକ ଘଣ୍ଟାରେ ଏକ ଏକର

### RIDING TYPE 6-ROW RICE TRANSPLANTER

The machine is Riding type and it transplants seedlings from Mat type nursery in six rows in a single pass.

Row spacing - 30cm, Distance between hills (12-21cm).

**Capacity :** 0.4 ha/h (2.5 hrs/ha)



# ଅନ୍ତଃଚାଷ କୃଷି ଯନ୍ତ୍ରପାତି
## INTERCULTURAL TOOLS & MACHINES

### କୋନୋ ଘାସବଛା ଯନ୍ତ୍ର



**କାର୍ଯ୍ୟ :** ଧାନ ବିଲରେ ଦୁଇ ଧାଡି ମଝିରେ ଥିବା ଘାସକୁ ଉପାଡିବା ଏବଂ ଏହାକୁ ମାଟିରେ ପୋତିବାରେ ଏହି ଯନ୍ତ୍ରଟି ସାହାଯ୍ୟ କରେ।
**କାର୍ଯ୍ୟଦକ୍ଷତା :** ଘଣ୍ଟା ପ୍ରତି ୧୨୦ ବର୍ଗ ମି.

**CONO WEEDER**
**Use :** It is used for weeding in between rows of line transplanted paddy field.
**Capacity :** 0.0118 ha/h (84.75 hrs/ha).

### ମାଣ୍ଡଓ୍ୱା ଘାସ ବଛା ଯନ୍ତ୍ର

**କାର୍ଯ୍ୟ :** ଧାନ ବିଲରେ ଏହି ଯନ୍ତ୍ରକୁ ଆଗକୁ ଠେଲି ଏବଂ ପଛକୁ ଟାଣି ଚାଳନା କରାଯାଏ। ଦୁଇ ଧାଡି ମଝିରେ ଥିବା ଘାସକୁ ଉପାଡିବା ଏବଂ ଏହାକୁ ମାଟିରେ ପୋତିବାରେ ସାହାଯ୍ୟ କରେ।
**କାର୍ଯ୍ୟଦକ୍ଷତା :** ଘଣ୍ଟା ପ୍ରତି ୧୪୦ ବର୍ଗମି.



**MANDWA WEEDER**
**Use :** The weeder is used to remove weeds between rows of rice crop efficiently.
It is operated by push-pull mode
**capacity :** 0.0138 ha/h (72.5 hrs/ha)

## ଓଦାଜମି ଶକ୍ତିଚାଳିତ ଘାସବଛା ଯନ୍ତ୍ର

**କାର୍ଯ୍ୟ:** ଧାଡିରୁଆ ଧାନଚାଷରେ ଧାଡି ଭିତରେ ଘାସ ବାଛିବା ପାଇଁ ଏହାକୁ ବ୍ୟବହାର କରାଯାଏ।

**କାର୍ଯ୍ୟଦକ୍ଷତା :** ୪ ଘଣ୍ଟାରେ ଏକ ଏକର



### WET LAND POWER WEEDER

**Use:** The power weeder is used for weeding in between rows of line transplanted Rice field. It is operated in continuous forward motion.

**Capacity :** 0.1 ha/h (10 hrs/ha)

## ଶକ୍ତିଚାଳିତ ଶୁଷ୍କାଞ୍ଚଳ ଘାସବଛା ଯନ୍ତ୍ର

**କାର୍ଯ୍ୟ:** ଧାଡି ବୁଣା ନିପାଣିଆ ଫସଲ ଯଥା- ମକା, କପା, କଦଳୀ ଓ ପନିପରିବା ପାଇଁ ଉପଯୋଗୀ। ଘାସ ବଛା ଓ କୋଡା ଖୋସା ଏକାସଙ୍ଗରେ ହୋଇପାରେ

**କାର୍ଯ୍ୟଦକ୍ଷତା :** ୪ ଘଣ୍ଟାରେ ଏକ ଏକର

### DRY LAND POWER WEEDER

**Use:** This 2.0hp weeder is used for weeding in between rows of any dry land crops with wide spacing (30-45) cm spacing.

**Capacity :** 0.13ha/h (7 hrs/ha)



## ସାରବୁଣା ଯନ୍ତ୍ର

**କାର୍ଯ୍ୟ :** କ୍ଷେତର ସାରର ସମାନ ପ୍ରୟୋଗ ପାଇଁ ଏହି ଯନ୍ତ୍ର ବ୍ୟବହାର କରାଯାଏ।

**କାର୍ଯ୍ୟ ଦକ୍ଷତା:** ୩୫ ମିନିଟ୍‌ରେ ଏକ ଏକର।




**FERTILIZER BROADCASTER**

**Uses :** It is utilised for uniform spreading of granular or crystalline fertilizer.

**Capacity:** 1.15 ha/h (0.9 hr/ha)

## ଉଦ୍ଭିଦ ସୁରକ୍ଷା ଯନ୍ତ୍ରପାତି

## ହସ୍ତଚାଳିତ ସିଞ୍ଚନ ଯନ୍ତ୍ର (ନାପ୍‌ଶାକ୍)

**କାର୍ଯ୍ୟ :** ଫସଲରେ ଔଷଧ ସିଞ୍ଚନ ନିମନ୍ତେ ଏହାକୁ ବ୍ୟବହାର କରାଯାଏ।

**ଦକ୍ଷତା :** ଏହି ଯନ୍ତ୍ର ଦ୍ୱରା ଦିନକୁ ୦.୭ରୁ ୧ ହେକ୍ଟର ଜମିରେ ଔଷଧ ସିଞ୍ଚନ କରାଯାଇଥାଏ।

**PLANT PROTECTION EQUIPMENTS**

**KNAPSACK SPRAYER**

**Uses:** It is used for spraying insecticides and pesticides on all crops, small trees and shrubs.

**Capacity:** (0.7-1.0) ha/day



## ବ୍ୟାଟେରୀ ଚାଳିତ ସିଞ୍ଚନ ଯନ୍ତ୍ର

**କାର୍ଯ୍ୟ :** ଏହା ବ୍ୟାଟେରୀ ଦ୍ୱାରା ଚାଳିତ ଅଟେ। ଚାଷଜମିରେ ରାସାୟନିକ ଔଷଧ ପକାଇବା ନିମନ୍ତେ ଏହି ଯନ୍ତ୍ର ବ୍ୟବହାର କରାଯାଏ।

**ଦକ୍ଷତା:** ୦.୭-୧.୦ ହେକ୍ଟର/ଦିନକୁ।



**BATTERY OPERATED SPRAYER**

**Uses:** It is used for spraying insecticides and pesticides. It has a motor which uses battery power to run a pump to develop pressure.

**Capacity:** (0.7-1.0) ha/day

## ପଦ ଚାଳିତ ସିଞ୍ଚନ ଯନ୍ତ୍ର

**କାର୍ଯ୍ୟ :** ଫଳବଗିଚାରେ ବଡ଼ ଗଛମାନଙ୍କୁ କୀଟନାଶକ ସିଞ୍ଚନ କରିବା ପାଇଁ ଏହାର ବ୍ୟବହାର ହୋଇଥାଏ।



**FOOT SPRAYER**

**Uses:** It is a foot operated sprayer suitable for both small and large spraying operation on crops in orchard and plantations.

## ଶକ୍ତିଚାଳିତ ସିଞ୍ଚନ ଯନ୍ତ୍ର

**କାର୍ଯ୍ୟ :** ଏହି ଯନ୍ତ୍ର ଦ୍ୱାରା କମ୍ ସମୟରେ, କମ୍ ବଳ ଖର୍ଚ୍ଚରେ କୀଟନାଶକ ଔଷକ୍ଷ, ଘାସମରା ଔଷଧ, ହରମୋନ୍ ଇତ୍ୟାଦି ଫସଲରେ ସମାନ ଭାବରେ ସିଞ୍ଚନ କରିହୁଏ।

**ଦକ୍ଷତା :** ଏକ ଘଣ୍ଟାରେ ଏକ ଏକର



**POWER SPRAYER**

**Uses:** Uses: It is used for uniform spraying of insecticides, pesticides, hormones and weedicides involving less time and labour.

**Capacity:** 0.4 ha/h (2.5 hrs/ha)

# ଶସ୍ୟ କାଟିବା ଯନ୍ତ୍ରପାତି

## ଉନ୍ନତ ଦା'

**କାର୍ଯ୍ୟ:** ଧାନ, ଗହମ, ଘାସ ଏବଂ ପତଳା କାଣ୍ଡଯୁକ୍ତ ଶସ୍ୟ କାଟିବା ପାଇଁ ଉପଯୋଗୀ ହୋଇଥାଏ।

**ଦକ୍ଷତା:** ଘଣ୍ଟାକୁ ୧୦୦-୧୨୦ ବର୍ଗମିଟର ଜମିରୁ ଧାନ କଟାଯାଇପାରିବ।

# HARVESTING EQUIPMENT

## IMPROVED SICKLE



**Uses :** It is a serrated blade sickle suitable for harvesting wheat, rice and grasses.

Capacity: (100-120) sq. m/hr

## ସ୍ୱୟଂଚାଳିତ ଧାନକଟା ଯନ୍ତ୍ର

**କାର୍ଯ୍ୟ :** ସବୁ କିସମର ଠିଆ ହୋଇଥିବା ରୁଆ କିମ୍ବା ବୁଣାଧାନ କାଟିବା ପାଇଁ ଏହି ଯନ୍ତ୍ରକୁ ବ୍ୟବହାର କରାଯାଏ।

**ଦକ୍ଷତା :** ଦୁଇ ଘଣ୍ଟାରେ ଏକ ଏକର

## SELF PROPELLED PADDY REAPER



**Uses :** The reaper is operated by 3.5hp petrol start diesel / kerosene run engine and it is used for harvesting paddy and wheat.

**Capacity:** 0.2 ha/h (5 hrs/hr)

## ଚକଯୁକ୍ତ କମ୍ବାଇନ୍ ହାରଭେଷ୍ଟର

**କାର୍ଯ୍ୟ:** ଧାନ ଓ ଗହମ ଫସଲରେ କାଟିବା, ଅମଳ ଓ ସଫା କରିବା ଏକ ସଙ୍ଗରେ ହୋଇପାରେ। ଅମଳ କାର୍ଯ୍ୟ କମ୍ ସମୟରେ ସମ୍ପୂର୍ଣ୍ଣ କରିହୁଏ ।

**ଦକ୍ଷତା :** ଘଣ୍ଟା ପ୍ରତି ଏକ ଏକରରୁ ଦେଢ଼ ଏକର

## COMBINE HARVESTER (WHEEL TYPE)



**Uses :** The function of a combine harvester is to cut, thresh and clean grain/seed. Various designs of combine harvester having 2 to 4m long cutter bar are commercially available.

**Capacity:** 0.4 ha/h (2.5 hrs/hr)

## ଟ୍ରାକ୍‌ଯୁକ୍ତ କମ୍ବାଇନ୍ ହାରଭେଷ୍ଟର

**କାର୍ଯ୍ୟ :** ଓଦା ଓ ପାଣି ଥିବା ଫସଲ କାଟିବା ଓ ଅମଳ କରିବା ପାଇଁ ଉପଯୁକ୍ତ। ଯନ୍ତ୍ରଟି କୃଷି ଉଦ୍ୟୋଗୀ ଓ ବ୍ୟବସାୟିକ କୃଷି ପାଇଁ ବେଶ୍ ଉପଯୋଗୀ।

**ଦକ୍ଷତା:** ୧ ଘଣ୍ଟା ୨୦ ମିନିଟ୍‌ରେ ଏକ ଏକର

## COMBINE HARVESTER (TRACK TYPE)




**Uses:** The combine harvester is used for simultaneous operation of harvesting, threshing and cleaning of paddy and wheat. It can be used in any field condition, dry, moist or with water.

**Capacity:** 0.33 ha/h (3.0 hrs/ha)

## ଅମଳ ଓ ଉଡ଼ାଇବା ଯନ୍ତ୍ରପାତି

### ଟ୍ରାକ୍ଟର ଚାଳିତ ଧାନ ଅମଳ ଯନ୍ତ୍ର

**କାର୍ଯ୍ୟ:** କଟା ଫସଲକୁ କମ୍ ସମୟରେ ଅମଳ କରିହୁଏ। ବିଲ ପାଖରେ ଅମଳ କାର୍ଯ୍ୟ କରି ହେଉଥିବାରୁ ଧାନ ବୋହିବା ଖର୍ଚ୍ଚରୁ ମୁକ୍ତି ମିଳିଥାଏ।

**ଦକ୍ଷତା :** ଘଣ୍ଟା ପ୍ରତି (୮-୧୦) କ୍ୱିଣ୍ଟାଲ

## THRESHING & WINNOWING MACHINES

### TRACTOR OPERATED AXIAL FLOW THRESHER

**Uses :** It can be used for simultaneous threshing and cleaning of paddy. It saves both time and cost of threshing and cleaning.



**Capacity:** (8-10 q/h)

### ପାୱାରଟିଲର୍ ଚାଳିତ ଧାନ ଅମଳ ଯନ୍ତ୍ର

**କାର୍ଯ୍ୟ :** କଟା ଫସଲକୁ କମ୍ ସମୟରେ ଅମଳ କରିହୁଏ । ବିଲ ପାଖରେ ଅମଳ କାର୍ଯ୍ୟ କରିହେଉଥିବାରୁ ଧାନ ବୋହିବା ଖର୍ଚ୍ଚରୁ ମୁକ୍ତି ମିଳିଥାଏ।

**ଦକ୍ଷତା :** ଘଣ୍ଟା ପ୍ରତି (୪-୫) କ୍ୱିଣ୍ଟାଲ

### POWER TILLER OPERATED AXIAL FLOW THRESHER

**Uses:** It is operated by a power tiller and consists of a threshing cylinder, concave, cylinder casing, cleaning system and feeding chute. It can be used for simultaneous threshing and cleaning of paddy.




**Capacity:** (4-5 qtl/h)

## ମୋଟର ଚାଳିତ ଧାନ ଅମଳ ଓ ଉଡ଼ାଇବା ଯନ୍ତ୍ର

**କାର୍ଯ୍ୟ:** ବିଡ଼ା ବନ୍ଧା ଯାଇଥିବା ଧାନରୁ ନଡ଼ା ଏବଂ ଧାନକୁ ଅଲଗା କରିବା ପାଇଁ ଏହାକୁ ବ୍ୟବହାର କରାଯାଏ

**ଦକ୍ଷତା :** ୧.୫ କ୍ୱିଣ୍ଟାଲ (ଅମଳ) ୩.୦ କ୍ୱିଣ୍ଟାଲ (ଉଡ଼ାଇବା)



**MOTORISED THRESHER**

**Uses :** It can be used for threshing and cleaning of paddy separately i.e. one operation at a time. It saves both time and cost of threshing and cleaning. It reduces drudgery involved the manual beating method of threshing .

**Capacity:** Threshing - 1.5 qtl/h, Winnowing - 3.0qtl/h

## ଟ୍ରାକ୍ଟର ଚାଳିତ ପୂର୍ଣ୍ଣ ଧାନ ନଡ଼ା ଅମଳ ଯନ୍ତ୍ର

**କାର୍ଯ୍ୟ:** ଏହା ଟ୍ରାକ୍ଟର ଦ୍ୱାରା ଚାଳିତ ହୋଇଥାଏ। ଏହି ଯନ୍ତ୍ରର ଅଂଶ ବିଶେଷ ହେଉଛି ଯଥା- ଧାନ ସହିତ ନଡ଼ା ଯୋଗାଣ ପ୍ଲାଟଫର୍ମ, ଅମଳ ଏବଂ ଧାନ ଉଡ଼ାଇବା ବିଭାଗ। ଏହି ଅମଳ ଯନ୍ତ୍ର ବ୍ୟବହାର ଦ୍ୱାରା ପୂର୍ଣ୍ଣ ନଡ଼ା ମିଳୁଥିବାରୁ ଏହା ଗୋ-ଖାଦ୍ୟ ଭାବରେ ଏବଂ ଛତୁ ଚାଷରେ ବ୍ୟବହାର ହୋଇଥାଏ । ଉଭୟ ସମୟ ଏବଂ ଖର୍ଚ୍ଚ କମ୍ ହୋଇଥାଏ ।

**ଦକ୍ଷତା :** ଘଣ୍ଟା ପ୍ରତି ୫ କ୍ୱିଣ୍ଟାଲ ଧାନ ଅମଳ

**TRACTOR DRAWN WHOLE STRAW PADDY THRESHER**



**Uses:** It is operated by a tractor and consists of a feeding platform, threshing and winnowing system. Whole straw bundle remains intact after threshing. Straw can be utilised for mushroom cultivation or for any other purposes.

**Capacity:** 5 qtl/h

## ଟ୍ରାକ୍ଟର ଚାଳିତ ଡାଲି ଅମଳ ମେସିନ୍

**କାର୍ଯ୍ୟ:** ମୁଗ ଓ ବିରି ଆଦି ଅମଳ କରାଯାଇପାରେ। ଅମଳ ଯନ୍ତ୍ର ବ୍ୟବହାର କରିବା ପୂର୍ବରୁ ଫସଲ ଭଲଭାବରେ ଶୁଖିଥିବା ଦରକାର।

**ଦକ୍ଷତା :** ଘଣ୍ଟା ପ୍ରତି ୭-୧୦ କ୍ୱିଣ୍ଟାଲ।

**TRACTOR DRAWN PULSE THRESHER**

**Uses:** It is operated by a tractor and used for threshing and cleaning of black gram and greengram.

**Capacity:** (7-10) qtl/h



## ଟ୍ରାକ୍ଟର ଚାଳିତ ବାଦାମ ଅମଳ ଯନ୍ତ୍ର

ଏହି ଯନ୍ତ୍ର ସାହାଯ୍ୟରେ ବାଦାମ ଡାଳରୁ ବାଦାମ ଅମଳ ସହିତ ସଫା ମଧ୍ୟ ହୋଇଥାଏ।

**ଦକ୍ଷତା :** ଘଣ୍ଟା ପ୍ରତି ୬ କ୍ୱିଣ୍ଟାଲ ବାଦାମ ଅମଳ ହୋଇଥାଏ।

**TRACTOR DRAWN GROUNDNUT THRESHER**

**Uses:** It is used for simultaneous threshing and cleaning of groundnut. It reduces the drudgery involved in manual threshing of groundnut.

**Capacity:** 6.0 qtl/h



## ଶକ୍ତିଚାଳିତ ବାଦାମ ଚୋପଛଡ଼ା ମେସିନ

**କାର୍ଯ୍ୟ :** ଏହି ଯନ୍ତ୍ରଟି ବିଦ୍ୟୁତ୍ ଶକ୍ତି ଦ୍ୱାରା ଚାଳିତ ହୋଇଥାଏ ।

**ଦକ୍ଷତା :** ଘଣ୍ଟା ପ୍ରତି ୯୦ କି.ଗ୍ରା. ବାଦାମ ଚୋପା ଛଡ଼ାଯାଇପାରେ।

**POWR OPERATED GROUNDNUT DECORTICATOR**



**Uses:** The power operated groundnut decorticator is operated by 0.5 hp electric motor. It is used for removing the shell of groundnut kernels.

**Capacity:** 90kg/h

## ବିବିଧ କୃଷି ଉପକରଣ ଏବଂ ଯନ୍ତ୍ରପାତି

## MISCELLANEOUS EQUIPMENT & MACHINES

## ଇଞ୍ଜିନ ଚାଳିତ ଗାତ ଖୋଳିବା ମେସିନ୍

**କାର୍ଯ୍ୟ :** ଏହା ଏକ ଶକ୍ତିଚାଳିତ ମେସିନ୍ ଯାହା ସାହାଯ୍ୟରେ ୧୨ ଇଞ୍ଚ ବ୍ୟାସ ପର୍ଯ୍ୟନ୍ତ ଗାତ ଖୋଳାଯାଇପାରେ। ଏହା ପେଟ୍ରୋଲ ଦ୍ୱାରା ଚାଳିତ ହୋଇଥାଏ। ଏଥିରେ ଏକ ଅଗର୍ ଥାଏ ଯାହାଦ୍ୱାରା କି ଗାତ ଖୋଳାଯାଏ। ବିଶେଷ ଭାବରେ କଦଳୀ, ଅମୃତଭଣ୍ଡା, ନଡ଼ିଆ, ଆମ୍ବ ଇତ୍ୟାଦି ବିଭିନ୍ନ ପ୍ରକାରର ଦୀର୍ଘସ୍ଥାୟୀ ଗଛ ଲଗାଇବା ପାଇଁ ଏହି ଯନ୍ତ୍ର ବ୍ୟବହାର କରାଯାଏ।

**ଦକ୍ଷତା :** ଘଣ୍ଟା ପ୍ରତି ୨୫ରୁ ୩୦ଟି ଗାତ ଖୋଳିପାରେ।

**ENGINE OPERATED POST HOLE DIGGER**



**Uses :** It consists of an auger, which is driven through an 3hp petrol engine.Up to 30 cm diameter pits can be made by using this machine. It is used to dig pits for all types of tree sapling.

**Capacity:** 25-30 pits/h

## ହସ୍ତଚାଳିତ ନଡ଼ିଆ ଚୋପାଛଡ଼ା ଯନ୍ତ୍ର



**କାର୍ଯ୍ୟ :** ତୋଳାଯାଇଥିବା ନଡ଼ିଆରୁ କତା ଛଡ଼ାଇବା

**ଦକ୍ଷତା :** ଘଣ୍ଟା ପ୍ରତି ୧୨୦ଟି ନଡ଼ିଆରୁ କତା ଛଡ଼ାଯାଇ ପାରେ।

**Manual coconut dehusker**

It is used to dehusk the all size of coconuts with the help of a L-rod using blade.

Capacity : 120 nuts/h

## ଶକ୍ତିଚାଳିତ ନଡ଼ିଆ ଚୋପା ଛଡ଼ା ଯନ୍ତ୍ର

**କାର୍ଯ୍ୟ:** ୦.୫ ଅଶ୍ୱଶକ୍ତି ବିଶିଷ୍ଟ ମୋଟର ସାହାଯ୍ୟରେ ନଡ଼ିଆରୁ କତା ଛଡ଼ାଇ ହୁଏ।

**ଦକ୍ଷତା :** ଘଣ୍ଟା ପ୍ରତି ୧୮୦ଟି ନଡ଼ିଆରୁ କତା ଛଡ଼ାଯାଇପାରେ ।

**POWER OPERATED COCONUT DEHUSKER**



This machine is used to dehusk the all size of nuts. Here the power is driven by 0.5hp electric motor.

Capacity: 180 nuts/h

## ମିନି ଟ୍ରାକ୍ଟର

**କାର୍ଯ୍ୟ:** ଜମିରେ ପ୍ରଥମ ଓ ଦ୍ୱିତୀୟ ଓଡ଼ ଚାଷ ପାଇଁ ଏହା ଏକ ଅତ୍ୟନ୍ତ ଉପଯୋଗୀ ଟ୍ରାକ୍ଟର। କ୍ଷୁଦ୍ର ଚାଷୀମାନଙ୍କର ଛୋଟ ଜମି ପାଇଁ ଏହା ବହୁତ ସଫଳ ଭାବରେ କାର୍ଯ୍ୟ କରିଥାଏ। ୧୮ରୁ ୨୪ ଅଶ୍ୱ ଶକ୍ତି ବିଶିଷ୍ଟ ଡିଜେଲ ଇଞ୍ଜିନ ଦ୍ୱାରା ଚାଳିତ ହୋଇଥାଏ।

**MINI TRACTOR**



**Uses:** It is used for primary as well as secondary tillage operation. It is operated by 18 to 24 hp diesel engine equipment with four wheeled drive system.

## ନଡ଼ିଆ ଗଛ ଚଢ଼ା ମେସିନ୍



**କାର୍ଯ୍ୟ :** ଗଛରୁ ନଡ଼ିଆ ତୋଳିବା ପାଇଁ ଏହି ଯନ୍ତ୍ର ବ୍ୟବହାର କରାଯାଏ।

**ଦକ୍ଷତା:** ୧୦୦ଟି ନଡ଼ିଆ ଘଣ୍ଟା ପ୍ରତି।

**COCONUT TREE CLIMBER**

This machine is designed to help farmers to climb tall coconut trees more easily and safely

**Capacity:** 100 nuts/h

## ଟ୍ରାକ୍ଟର ଚାଳିତ ବେଲର୍

**କାର୍ଯ୍ୟ :** ଏହି ଯନ୍ତ୍ର ଧାନ ନଡ଼ା କିମ୍ବା ଫସଲର ଅବଶେଷ ଜମିରୁ ସଂଗ୍ରହ କରି ଏହାକୁ ଆୟତକାର କିମ୍ବା ଗୋଲାକାର ଗଣ୍ଠିଲି/ବେଲ୍‌ରେ ପରିଣତ କରେ। ବେଲ୍ କରିବା ଦ୍ୱାରା ଧାନ ଫସଲର ଅବଶେଷକୁ ଜାଳିବାକୁ ପଡ଼ିବନି ସିଧାସଳଖ ଆଗାମୀ ଫସଲ କରିହବ।



**ଦକ୍ଷତା :** ଘଣ୍ଟାପ୍ରତି (୪୫-୫୦) ବେଲ୍।

**TRACTOR DRAWN BALER**

It is machinery used to compress a cut and rake crop such as hay, cotton, flax straw or silage into compact bales that are easy to handle, transport and store.

**Capacity:** (45-50) bales/h

## କ୍ଷୁଦ୍ର ଚାଉଳ କଳ



ଏହି ମେସିନ୍‌ରେ ୩ ଅଶ୍ୱଶକ୍ତି ବିଶିଷ୍ଟ ବିଦ୍ୟୁତ୍ ଶକ୍ତି ମୋଟର ଲାଗିଥାଏ।

**ଦକ୍ଷତା :** ୧୫୦ କି.ଗ୍ରା. ଘଣ୍ଟା ପ୍ରତି

**MINI RICE MILL**

**Uses:** It is operated by a 3hp single phase electric motor.

**Capacity:** 150kg/h

## କ୍ଷୁଦ୍ର ଡାଲି କଳ



**କାର୍ଯ୍ୟ :** ଏହି ଯନ୍ତ୍ର ଦ୍ୱାରା ମୁଗ, ବିରି, ହରଡ଼ ଇତ୍ୟାଦିରୁ ଚୋପା ଛଡ଼ାଇ ଏହାକୁ ଦୁଇ ଫାଳ କରାଯାଏ ।

ଏହି ଯନ୍ତ୍ରକୁ ୩ ଅଶ୍ୱଶକ୍ତି ବିଦ୍ୟୁତ୍ ଚାଳିତ ମୋଟର ଦ୍ୱାରା ଚଳାଯାଇଥାଏ ।

**ଦକ୍ଷତା:** (୧୦୦-୧୨୦) କି.ଗ୍ରା/ଘଣ୍ଟା

**MINI DAL MILL**

**Uses:** Dal milling activity is an important economic aspect in realizing the better price for the produce and also the dal mills can generate employment opportunities for the rural youth. It has an electric motor of 3.0hp as its prime mover.

**Capacity:** (100-120) kg/h

## କୃଷକ ବନ୍ଧୁ ପମ୍ପ

**କାର୍ଯ୍ୟ :** ଏହି ପମ୍ପ ସାହାଯ୍ୟରେ କୂଅ, ପୋଖରୀ, ନାଳ ଆଦିରୁ ପାଣି ଉଠାଇ ଜମିରେ ପାଣି ମଡ଼େଇବା ପାଇଁ ବ୍ୟବହାର କରାଯାଏ। ଜଣେ ଚାଷୀ ଏହାର ପେଡ଼ାଲକୁ ଦୁଇ ଗୋଡ଼ରେ ମାରିବା ଦ୍ୱାରା ପମ୍ପଟି ଚାଲିଥାଏ ଏବଂ ପାଣି ପମ୍ପର ସିଲିଣ୍ଡର ଦେଇ ବାହାରିଥାଏ।

**ଦକ୍ଷତା :** ଘଣ୍ଟା ପ୍ରତି ୪୫୦୦ ଲିଟର।

**KB PUMP**

**Uses:** KB (Krishak Bandhu) surface treadle pump is a foot operated reciprocating type positive displacement pump. It is used to draw water from surface water source like dug well, ponds canal etc. and discharge it in open channel.




**Capacity:** 4500 litres/hour

## ସୌରଶକ୍ତି ଚାଳିତ ପମ୍ପ



**କାର୍ଯ୍ୟ:** ସୌରଶକ୍ତି ସାହାଯ୍ୟରେ ଏହା ପୋଖରୀ, ନଦୀ, ନାଳ, ଇତ୍ୟାଦିରୁ ପାଣି ଉଠାଇ ଜଳସେଚନ କରିବା ପାଇଁ ଏହାକୁ ବ୍ୟବହାର କରାଯାଏ ।

**କ୍ଷମତା:** ଘଣ୍ଟା ପ୍ରତି ୧୦୦୦ରୁ ୧୦,୦୦୦ ଲିଟର

**SOLAR PUMP**

The solar water pump is powered by solar panels that helps draw surface or ground water out for irrigation.

Capacity: (1000-10,000) litres/hour.

## ଓୟୁଏଟି ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ର

**କାର୍ଯ୍ୟ:** ୧.୦ ଅଶ୍ୱଶକ୍ତି ବୈଦ୍ୟୁତିକ ମୋଟର ଦ୍ୱାରା ଚାଳିତ ଏହି ଯନ୍ତ୍ର ଦ୍ୱାରା ଶୁଖିଲା ମାଣ୍ଡିଆ କେଣ୍ଡାଗୁଡ଼ିକରୁ ସଫା ମାଣ୍ଡିଆ ଦାନା ଅମଳ କରିବା କାର୍ଯ୍ୟ ହୋଇଥାଏ।

**କ୍ଷମତା:** ଘଣ୍ଟା ପ୍ରତି ୯୦ କି.ଗ୍ରା.

**OUAT RAGI THRESHER CUM PEARLER**

This machine can be operated by 1.0hp electric motor. It has been developed for simultaneous threshing, pearling and cleaning of Ragi

Capacity: 90kg/h

